# Akashvani, Sambalpur

## SAMBALPURI NEWS EVENING BULLETIN

## 21 july 2026-7.02- 7.12 pm.

---

୧- ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି ହୋହଲ୍ଲା ହେବାର୍‌ନୁ ସଂସଦ୍‌ର ଦୁହି ଗୃହ ହେଲା ଆଏବା କାଏଲ୍‌ତକ୍ ମୁଲ୍‌ତବୀ ।

୨- ରାଏଜେ ଏସ୍‌ଆଇଆର୍ ପ୍ରକ୍ରିୟାଥି ଆଏବା ସେପ୍ଟେମ୍ବର୍ ୬ ତାରିଖ୍ ବାହାର୍‌ବା ଚୂଡ଼ାନ୍ତ ଭୋଟର୍ ତାଲିକା - ସୂଚ୍‌ନା ଦେଲେ ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ।

୩- ତୃଣମୂଳ ସ୍ତର୍ ନ ଅଙ୍ଗନବାଡ଼ି ସେବାକେ ବର୍‌କସ୍ କର୍‌ବାର୍ ଲାଗି ଗଠନ୍ ହେବା ପରିଚାଳନା କମିଟି ।

ଆଉର୍

୪- ପୁରୀ ନ ବାହୁଡ଼ା ଯାତ୍ରା ଲାଗି ମୁଲ୍ ହେଲା ପ୍ରସ୍ତୁତି ।

- ଆଜ୍ଞାମାଳ ପାଏବାର୍ ଉତ୍‌ରୁ ସୁଭଦ୍ରାଙ୍କର୍ ରଥକେ କରାଯାଇଛେ ଦକ୍ଷିଣମୋଡ଼ ।

ସଂସଦ୍ ଆର୍ଏନ୍ୟୁ/ ସମ୍ବଲପୁର

ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟ୍ନା ଆଉ ଅଲ୍ଗା ପ୍ରସଙ୍ଗକେ ନେଇକରି ହୋହଲ୍ଲା ଲାଗି ସଂସଦ୍ର ଦୁହି ଗୃହକେ ଆଏବା କାଏଲ୍ତକ୍ ମୁଲ୍ତବୀ ରଖାଯାଇଛେ । ଆଏଜ୍ ମଏଧାନର୍ ୧୨ ବଜେ ପହେଲା ମୁଲ୍ତବୀ ଉତ୍ରୁ ଲୋକ୍ସଭା ସମ୍ମିଲିତ୍ ହେବାର୍ ଉତ୍ରୁ ହୋହଲ୍ଲା ଭିତ୍ରେ ଭିନ୍ ଭିନ୍ କମିଟି ଲାଗି ସଦସ୍ୟ ନିର୍ବାଚନ୍ ଲାଗି ପ୍ରସ୍ତାବ୍ ଗ୍ରହଣ୍ କରାଯାଇଥିଲା । ଗୃହ ନ ଅଧ୍ୟକ୍ଷତା କରୁଥିବା ସନ୍ଧ୍ୟା ରାୟ ସଦସ୍ୟ ମାନ୍କୁ ନିଜର୍ ନିଜର୍ ଆସନ୍କେ ଫିରିକରି ଗୃହ କାର୍ଯ୍ୟ ସୁରୁଖୁରୁଥି ଚଲାବାର୍କେ ନିବେଦନ୍ କରିଥିଲେ ଭିଲ୍ ଗୃହ ନ ହୋହଲ୍ଲା ଲାଗି ରହିଥିଲା । ତାର୍ ଉତ୍ରୁ ଗୃହକେ ଦୁଇପହରର୍ ୨ ବଜେତକ୍ ମୁଲ୍ତବୀ କରାଯାଇକରି ଗୃହ କାର୍ଯ୍ୟ ଫେର୍ଘାଏ ମୁଲ୍ ହେଇଥିଲା ବେଲ୍କେ ସମାନ୍ ପରିସ୍ଥିତି ଦେଖାଦେବାର୍ନୁ ଆଏବା କାଏଲ୍ ସଖାଲର୍ ୧୧ ବଜେତକ୍ ଲୋକ୍ସଭାକେ ମୁଲ୍ତବୀ ରଖାଯାଇଛେ । ରାଜ୍ୟସଭା ନ ଭିଲ୍ ସମାନ୍ ସ୍ଥିତି ଦେଖାଦେଇଥିଲା । ପହେଲା ମୁଲ୍ତବୀ ଉତ୍ରୁ ମଏଧାନର୍ ୧୨ ବଜେ ଗୃହ କାର୍ଯ୍ୟ ଫେର୍ଘାଏ ମୁଲ୍ ହେଲା ଉତ୍ରୁ ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍ ବିରୋଧୀ ସଦସ୍ୟମାନ୍କୁ ସେମାନ୍କର୍

ଆସନ୍‌କେ ଯାଇକରି ସହଯୋଗ୍ କର୍‌ବାର୍ ଲାଗି କହିଥିଲେ । ହେଲେ ବିରୋଧୀ ସଦସ୍ୟମାନେ ସେଥି ଧ୍ୟାନ୍ ନାଇଁ ଦେଇଥିଲେ । ତାର୍ ଉତ୍‌ରୁ ରାଜ୍ୟସଭାକେ ଭିଲ୍ ଆଏବା କାଏଲ୍ ସଖାଲର୍ ୧୧ ବଜେତକ୍ ମୁଲ୍‌ତବୀ ରଖାଯାଇଛେ ।

ପିଏମ୍-ଏନ୍‌ଡିଏ ମିଟିଂ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶେ ଭବିଷ୍ୟତ୍ ନ ହେବାର୍‌କେ ଥିବା ଭିନ୍ ଭିନ୍ ପରୀକ୍ଷାଥି ପ୍ରଶ୍ନପତ୍ର ଲିକ୍ ବାଗିର୍ ଘଟ୍‌ନା ଯେନ୍ତା ଫେର୍‌ଘାଏ ନାଇଁ ହେବା ସେଥିର୍‌ଲାଗି ସମ୍‌କର୍ ମିଲିତ୍ ପଦକ୍ଷେପ୍ ବହୁତ୍ ଜରୁରୀ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଆଏଜ୍ ଜାତୀୟ ଗଣତାନ୍ତ୍ରିକ୍ ମେଂଟ ସଂସଦୀୟ ଦଲ୍‌ର ବୈଠକ୍‌ଥି ଶ୍ରୀ ମୋଦୀ କହିଛନ୍, ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟ୍‌ନାଥି ଜଡ଼ିତ୍ ଲୋକ୍‌ମାନ୍‌କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଯୁବପିଢ଼ିଙ୍କର୍ ସ୍ୱାର୍ଥର୍ ସୁରକ୍ଷା ଦିଗେ ସର୍‌କାର୍ ପ୍ରତିବଦ୍ଧ ବଲି ଶ୍ରୀ ମୋଦୀ କହିଛନ୍ । ଗଣମାଧ୍ୟମ୍‌କେ ସମ୍ବୋଧିତ୍ କରିକରି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍, ନିଟ୍

ପ୍ରଶ୍ନପତ୍ର ଲିକ୍ ବାବ୍‌ଦେ ଜାନ୍‌ବାର୍ ଉତ୍‌ରୁ କେନ୍ଦ୍ର ସର୍‌କାର୍ ତୁର୍‌ତି ପଦକ୍ଷେପ୍ ନେବାର୍ ମୁଲ୍ କରିଛନ୍ ।

ଏସ୍‌ଆଇଆର ଆଇ.ଆଣ୍ଡ୍.ପି.ଆର୍

ରାଏଜେ ସ୍ୱତନ୍ତ୍ର ସଘନ ସଂଶୋଧନ - ଏସ୍‌ଆଇଆର୍ ପ୍ରକ୍ରିୟା ଶେଷ୍ ହେବାର୍ ଉତ୍‌ରୁ ଆଏବା ସେପ୍ଟେମ୍ବର୍ ୬ ତାରିଖ୍ ଚୂଡ଼ାନ୍ତ ଭୋଟର୍ ତାଲିକା ବାହାର୍‌ବା ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍. ଗୋପାଲନ୍ ସୂଚ୍‌ନା ଦେଇଛନ୍ । ଆଏଜ୍ ଗୁଟେ ସାମ୍ବାଦିକ୍ ସମ୍ମିଳନୀଥି ଇ ବାବ୍‌ଦେ ବିସ୍ତୃତ୍ ସୂଚ୍‌ନା ଦେଇକରି ଶ୍ରୀ ଗୋପାଲନ୍ କହିଛନ୍, ଗଲା ଜୁଲାଇ ୫ ତାରିଖ୍ ଚିଠା ଭୋଟର୍ ତାଲିକା ବାହାରି ସାରିଛେ । ଜୁଲାଇ ୫ ନୁ ଅଗଷ୍ଟ ୪ ତାରିଖ୍‌ତକ୍ ଦାବି ଆଉ ଆପତି ଦାଖଲ୍ କରାଯିବା । ଜୁଲାଇ ୪ ନୁ ସେପ୍ଟେମ୍ବର୍ ୧ ତାରିଖ୍‌ତକ୍ ନୋଟିସ୍ ଆଉ ଦାବି ଆପତିର ସମାଧାନ୍ କାମ୍ କରାଯିବା ଆଉ ସେପ୍ଟେମ୍ବର୍ ୬ ତାରିଖ୍ ଚୂଡ଼ାନ୍ତ ଭୋଟର୍ ତାଲିକା ବାହାର୍‌ବା ବଲି ଶ୍ରୀ ଗୋପାଲନ୍ କହିଛନ୍ । ମୋଟ୍ ୫୮ ଲାଖ୍ ନୁ ଅଏତ୍‌କା ଲୁକ୍‌କୁ ନୋଟିସ୍ ଦିଆଯିବାର୍‌କେ ଥିବାର୍ ବେଲେ

ଏବ୍‌ତକ୍ ୭ ଲାଖ୍ ୯୩ ହଜାର୍ ୪ ଶହ ୯୦ ଝନ୍‌କୁ ନୋଟିସ୍ ଜାରି କରାଯାଇଛେ । ନୋଟିସ୍ ପାଇଥିବା ଲୁକେ ବ୍ୟକ୍ତିଗତ୍ ଭାବେ ଉପସ୍ଥିତ୍ ନାଇଁ ରହିକରି ଅନ୍‌ଲାଇନ୍ ପୋର୍ଟାଲ୍ ଜରିଏ କି ବିଏଲ୍‌ଓ ମାନ୍‌କର୍ ଜରିଏ କାଗଜ୍‌ପତର୍ ଦାଖଲ୍ କରିପାର୍‌ବେ ।

ପଂଚାୟତ୍, ପୌର ନିର୍ବାଚନ ବୈଠକ୍ ଆଇ.ଆଣ୍ଡ୍.ପି.ଆର୍

ରାଏଜେ ଆଏବା ପଂଚାୟତ୍ ଆଉ ପୌର ନିର୍ବାଚନ୍‌କେ ନେଇକରି ଭୁବ୍‌ନେଶ୍ୱର୍ ନ ରାଜ୍ୟ ନିର୍ବାଚନ୍ ଆୟୋଗଙ୍କର୍ କାର୍ଯ୍ୟାଲୟ ନ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଜ୍ୟ ନିର୍ବାଚନ୍ ଆୟୋଗଙ୍କର୍ ସଚିବ ସନ୍ତୋଷ୍ କୁମାର୍ ଦାସ ଅଧ୍ୟକ୍ଷତା କରିକରି କହିଛନ୍, ଭୋଟର୍ ତାଲିକାର୍ ସ୍ୱତନ୍ତ୍ର ସଘନ ସଂଶୋଧନ୍ -ଏସ୍.ଆଇ.ଆର୍. ପ୍ରକ୍ରିୟା ଶେଷ୍ ହେବାର୍ ଉତ୍‌ରୁ ଆଏବା ଅକ୍ଟୋବର୍ ମାସ ୨୬ ତାରିଖ୍‌ନୁ ନଭେମ୍ବର୍ ୭ ତାରିଖ୍‌ତକ୍ ଘର୍‌କେ ଘର୍ ସର୍ଭେ କରାଯାଇକରି ଭୋଟର୍ ତାଲିକା ତିଆର୍ କରାଯିବା । ଫେବୃଆରୀ ୧୦ ତାରିଖ୍‌ତକ୍ ସବୁ ୱାର୍ଡ଼ର ଭୋଟର୍ ତାଲିକା ବାହାର୍‌ବା । ଘର୍‌କେ ଘର୍ ସର୍ବେକ୍ଷଣ୍ କରାଯିବାର୍ ଲାଗି

ଇ ମାସର୍ ୩୧ ତାରିଖ୍‌ତକ୍ ଗୁଟେ ଦଲ୍ ଗଠନ୍ କରାଯିବା । ଇ ଦଲ୍‌ଥି ବ୍ଲକ୍‌ସ୍ତରୀୟ ଅଧିକାରୀ, ବିଏଲ୍‌ଓ, ଅଙ୍ଗନବାଡ଼ି ଆଉ ଆଶାକର୍ମୀମାନ୍‌କୁ ସାମିଲ୍ କରାଯିବା ବଲି ଶ୍ରୀ ଦାସ କହିଛନ୍ ।

(ଭଏସ୍ ଓଭର୍- ସଚିବ)

ଜନଗଣନା ଲାଗି ପଂଚାୟତ୍ ଆଉ ପୌର ନିର୍ବାଚନ୍‌ଥି ଟିକେ ଡେରି ହେବା । ଜୁନ୍‌ହା ବାଲାଟ୍ ବକ୍ସର ମରାମତି, ନୂଆଁ ବାଲାଟ୍ ବକ୍ସ ଘିନ୍‌ବାର୍ ବାବ୍‌ଦେ ବୈଠକ୍‌ଥି ନିଷ୍ପତି ହେଇଛେ । ଝନେ ଭୋଟର୍ ୨ଟା ଜାଗା ନ ଯେନ୍ତା ଭୋଟ୍ ନାଇଁ ଦେବେ । ସେଥିର୍‌ଲାଗି ସବୁ ପ୍ରକାର୍ ବ୍ୟବସ୍ଥା କରାଯିବା ବଲି ରାଜ୍ୟ ନିର୍ବାଚନ୍ ଆୟୋଗଙ୍କର୍ ସଚିବ କହିଛନ୍ ।

ଜନ ଅଭିଯୋଗ୍ ଶୁଣାଣି         ଆଇ.ଆଣ୍ଡ.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୨୭ ତାରିଖ୍ ସୋମ୍‌ବାର୍ ଦିନ ସାଧାରଣ୍ ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କର୍‌ବେ । ସେଥିର୍‌ଲାଗି ଆଏବା କାଏଲ୍‌ଠାନୁ ଅନ୍‌ଲାଇନ୍ ପଞ୍ଜିକରଣ୍ ମୁଲ୍ ହେବା । ଲୁକେ

janasunani.odisha.gov.in ପୋର୍ଟାଲ୍ ଥି ପଞ୍ଜିକରଣ୍ କରିପାର୍ବେ ।

ଫସଲ୍ ନୁକ୍ସାନ୍ ରିପୋର୍ଟ-ରାଜସ୍ୱମନ୍ତ୍ରୀ ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଲଗାଏତ୍ ବର୍ଷା ଲାଗି ହେଇଥିବା ଫସଲ୍ ନୁକ୍ସାନ୍ ଲାଗି ଜିଲ୍ଲା ପ୍ରଶାସନ୍ ମାନ୍କର୍ ନୁ ରିପୋର୍ଟ ମଗାଯାଇଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚ୍ନା ଦେଇକରି କହିଛନ୍, ବଲାଙ୍ଗିର୍ ଆଉ କଟକ୍ ଜିଲ୍ଲାପାଲ୍ ନୁକ୍ସାନ୍ ବାବଦ୍ ରିପୋର୍ଟ ଦେଇସାରିଛନ୍ । ଆଉ ଅଲ୍ଗା ଜିଲ୍ଲାମାନ୍କର୍ନୁ ଭିଲ୍ ରିପୋର୍ଟ ଆସ୍ଲା ଉତ୍ରୁ ମୂଲ୍ୟାଙ୍କନ୍ କରାଯିବା । ଯେନ୍ ଚାଷୀମାନେ ନୁକ୍ସାନ୍ ସହିଛନ୍, ସେମାନ୍କର୍ ବେଙ୍କ୍ ଏକାଉଂଟ୍କେ ସିଧାସଲଖ୍ କ୍ଷତିପୂରଣ୍ ଟଙ୍କା ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଅଙ୍ଗନବାଡ଼ି ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ସବୁ ଅଙ୍ଗନବାଡ଼ି କେନ୍ଦ୍ର ନ ଶିଶୁ ବିକାଶ୍ ପ୍ରକଳ୍ପ ଅଧିକାରୀ - ସିଡ଼ିପିଓଙ୍କର୍ ଅଧୀନ୍‌ଥି ପରିଚାଲନା କମିଟି ଗଠନ୍ କରାଯିବା । ଇଥିର୍‌ଲାଗି ମହିଳା ଆଉ ଶିଶୁବିକାଶ୍ ବିଭାଗ୍ ତର୍‌ଫୁ ସବୁ ଜିଲ୍ଲାପାଲ୍‌ମାନ୍‌କୁ ଜନେଇ ଦିଆଯାଇଛେ । ତୃଣମୂଳସ୍ତର୍ ନ ଅଙ୍ଗନବାଡ଼ି ସେବାକେ ବର୍‌କସ୍ କର୍‌ବାର୍ ଲାଗି ସକ୍ଷମ୍ ଅଙ୍ଗନବାଡ଼ି ଆଉ ପୋଷଣ୍  ଅଭିଯାନ୍‌ର ୨ ନମ୍ବର୍ ଖେପ୍‌ଥି ଇ କମିଟି ଗଠନ୍ କରାଯିବା । ସୁପର୍‌ଭାଇଜର୍ ଅଧକ୍ଷ ଦାୟିତ୍ୱ ନେବାର୍ ସହେତେ ଅଙ୍ଗନବାଡ଼ି କର୍ମୀ ସଦସ୍ୟ ଆଉ ଆବାହକ୍ ରହେବେ ବଲି ଚିଠିଥି କୁହାଯାଇଛେ ।

ପୁଲିସ୍ ସମନ୍ୱୟ କମିଟି ବୈଠକ୍                ଆଇ.ଆଣ୍ଡ୍.ପି.ଆର୍

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର୍ ନିର୍ଦ୍ଦେଶ୍‌ଥି ଆଏଜ୍ ଭୁବ୍‌ନେଶ୍ୱର୍ ନ ପୂର୍ବାଂଚଲ୍ ଆଂଚଲିକ୍ ପୁଲିସ୍ ସମନ୍ୱୟ କମିଟି ଇ.ଆର୍.ପି.ସି.ସି. ର ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଓଡ଼ିଶା ପୁଲିସ୍‌ର ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ସହେତେ ବିହାର୍,

ପଶ୍ଚିମବଙ୍ଗ୍, ଛତିଶ୍‌ଗଡ୍ ଆଉ ଝାର୍‌ଖଣ୍ଡ୍‌ର ଆରକ୍ଷୀ ମହାନିର୍ଦ୍ଦେଶକ୍, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବଲ- ସି.ଏ.ପି.ଏଫ୍., କେନ୍ଦ୍ରୀୟ ପୁଲିସ୍ ସଂଗଠନ୍- ସି.ପି.ୟୁ ଆଉ ଭିନ୍ ଭିନ୍ ରାଜ୍ୟର୍ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଭାଗ୍ ନେଇଥିଲେ । ଭବିଷ୍ୟତ୍‌ଥି ରାଜ୍ୟ ମାନ୍‌କର୍ ଭିତ୍‌ରେ ତାଲ୍‌ମେଲ୍‌କେ ଅଏତ୍‌କା ବର୍‌କସ୍ କର୍‌ବାର୍ ଲାଗି ନିୟମିତ୍ ଏନ୍ତା ସମନ୍ୱୟ ବୈଠକ୍ ଆୟୋଜନ୍ କର୍‌ବାର୍‌କେ ସ୍ଥିର୍ କରାଯାଇଥିଲା ।

କାରାଗାର ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଙ୍କର୍ ଅଧ୍ୟକ୍ଷତାଥି କାରାଗାର୍ ବିକାଶ୍ ବୋର୍ଡ଼ର ୪ ନମ୍ବର୍ ସମୀକ୍ଷା ବୈଠକ୍ ହେଇଯାଇଛେ । ଇଥି ମୁଖ୍ୟ ଶାସନ୍ ସଚିବ ରାଏଜେ ଥିବା କାରାଗାର୍ ମାନ୍‌କର୍ ସୁରକ୍ଷା ବ୍ୟବସ୍ଥାର୍ ଆଧୁନିକୀକରଣ୍ ଆଉ ଅନ୍ତେବାସୀମାନ୍‌କର୍ କଲ୍ୟାଣ୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ନିଆଯାଇଥିବା ଭିନ୍ ଭିନ୍ ପଦକ୍ଷେପ୍‌ର ସମୀକ୍ଷା କରିଛନ୍ । ୨୦ ଟା କାରାଗାର୍ ନ କୃତ୍ରିମ ବୁଦ୍ଧିମତା -

ଏ.ଆଇ. ଆଧାରିତ୍ ସିସିଟିଭି ଆଉ ଭିଡ଼ିଓ ଏନାଲିଟିକ୍ସ ବ୍ୟବସ୍ଥାର୍ ଥାପ୍ନା କାର୍‌ଗାର୍ କାନ୍ଥିର୍ ଉଚତା ବଢ଼ାବାର୍ ସହେତେ ଡ୍ରୋନ୍ , ବଡ଼ି କେମ୍‌ରା ଆଉ ମୋବାଇଲ୍ ଫୋନ୍ ଚିହ୍ନଟ୍ ଲାଗି ଭିନ୍ ଭିନ୍ ଆଧୁନିକ୍ ସୁରକ୍ଷା ଉପକରଣ୍ ବେଭାର୍ ଉପ୍‌ରେ ବୈଠକ୍‌ଥି ଆଲୋଚନା କରାଯାଇଥିଲା ।

ରଥ- ଦକ୍ଷିଣ ମୋଡ଼ ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ପବିତ୍ର ରଥଯାତ୍ରା ଅବ୍‌ସରେ ଜନ୍ମବେଦୀ ନ ଚତୁର୍ଦ୍ଧାମୂର୍ତିଙ୍କୁ ଭକ୍ତମାନେ ଦର୍ଶନ୍ କରୁଛନ୍ । ଗଲାକାଏଲ୍ ହେରାପଂଚମୀ ନୀତି ହେବାର୍ ଉତ୍‌ରୁ ମାହାପୁରୁମାନ୍‌କର୍ ବାହୁଡ଼ା ଯାତ୍ରା ଲାଗି ପ୍ରସ୍ତୁତି ମୁଲ୍ ହେଇଛେ । ମାହାପୁରୁମାନ୍‌କୁ ଫେର୍‌ଘାଏ ରତ୍ନବେଦୀକେ ଆନ୍‌ବାର୍ ଲାଗି ରଥ ମାନ୍‌କର୍ ଦକ୍ଷିଣ ମୋଡ଼ ମୁଲ୍ ହେଇଛେ । ଶ୍ରୀ ଗୁଣ୍ଡିଚା ମନ୍ଦିର୍ ନ ସକାଳ ଧୂପ ନୀତି ଶେଷ୍ ହେବାର୍ ଉତ୍‌ରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ୍- ମା ଲକ୍ଷ୍ମୀଙ୍କର୍ ଅଭିମାନ୍‌କେ ନଜର୍‌ଥି ରଖିକରି ତିନ୍‌ହି ରଥର୍ ଦକ୍ଷିଣ ମୋଡ଼ ଲାଗି ଆଜ୍ଞାମାଳ ଦେଇଛନ୍ । ପୂଜାପଣ୍ଡା ସେବକ୍‌ମାନେ ଆଜ୍ଞାମାଳ ବିଜେ କର୍‌ବାର୍ ଉତ୍‌ରୁ

ମା ସୁଭଦ୍ରାଙ୍କର୍ ଦର୍ପଦଳନ ଦକ୍ଷିଣ ମୋଡ଼ କରିଛନ୍ । ତାର୍ ଉତ୍ତରୁ ଶ୍ରୀବଳଭଦ୍ରଙ୍କର୍ ତାଳଧ୍ୱଜ ରଥଘିଚା ମୁଲ୍ ହେଇଥିଲା । ଜବର୍ ବର୍ଷା ହେବାର୍‌ନୁ ରଥଘିଚା ବନ୍ଦ୍ କରାଯାଇଛେ । ବଳଭଦ୍ରଙ୍କର୍ ତାଳଧ୍ୱଜ ଆଉ ଜଗନ୍ନାଥଙ୍କର୍ ନନ୍ଦିଘୋଷ୍ ରଥକେ ଆଏବା କାଏଲ୍ ଦକ୍ଷିଣମୋଡ଼ କରାଯିବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ରଥଯାତ୍ରା- ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍‌ର ପ୍ରଭୁ ଦଧିବାମନ୍ ଆଉ ପତିତ ପାବନ ୯ ଦିନିଆ ଯାତ୍ରାଥି ମାଉସୀ ମା ମନ୍ଦିର୍‌କେ ଯାଇକରି ଶ୍ରଦ୍ଧାଳୁମାନ୍‌କୁ ଦର୍ଶନ୍ ଦଉଛନ୍ । ସୁନାର୍ ଅଲଙ୍କାର୍‌ଥି ସଜେଇ ହେଇକରି ଶ୍ରୀ ଜଗନ୍ନାଥ୍ ବାମନ ରୂପଥି ପୂଜା ପାଉଥିବାର୍ ବେଲେ ଜୋଡ଼ା ଜଗନ୍ନାଥ, ବଳଭଦ୍ର ଆଉ ସଭଦ୍ରା ଜନ୍ମ ବେଦୀ ନ ବିରାଜ୍‌ମାନ୍ ଅଛନ୍ ।

ଏସ୍‌ଆଇଆର-ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ସବୁ ତହସିଲ୍ କାର୍ଯ୍ୟାଳୟ ନ ଭୋଟର୍ ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ୍ - ଏସ୍ଆଇଆର୍ କାମ୍ ଜାରି ରହିଛେ । ଭୋଟର୍ ତାଲିକାଥି ନାଁ ପଞ୍ଜିକରଣ୍ ଲାଗି ଥିବା ୧୨ ଟା ପ୍ରମାଣ୍ପତ୍ର ଭିତ୍ରୁ ଆଧାର୍କାର୍ଡ଼ ସହେତେ କେନ୍ସି ଗୁଟେ ପ୍ରମାଣ୍ପତ୍ର ଦାଖଲ୍ କରିକରି ତାଲିକାଥି ନାଁ ସାମିଲ୍ କର୍ବାର୍କେ ବ୍ଲକ୍ ପ୍ରଶାସନ୍ ତର୍ଫୁ କୁହାଯାଇଛେ । ଖଡ଼ିଆଲ୍ ତହସିଲ୍ ନ ଭିଲ୍ ଇ ବାବଦ୍ ଗୁଟେ ଯାଂଚ୍ କାମ୍ କରାଯାଇଛେ ।

ପାଣିପାଗ୍ ଆର୍ଏନ୍ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ହେଇଥିବା ଘୂର୍ଣ୍ଣିବଳୟର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ୨୦ ଟା ଜିଲ୍ଲା ନ ବର୍ଷା ଲାଗି ସତର୍କ ସୂଚ୍ନା ଜାରି କରାଯାଇଛେ ।

ହୀରାକୁଦ୍ ଜଳ୍ଭଣ୍ଡାର୍ ଜଳ୍ସ୍ତର୍ ଆଏଜ୍ ବେଲ୍ବୁଡ଼ାର୍ ୬ ବଜେତକ୍ ୬ ଶହ ୧୩ ଦଶ୍ମିକ୍ ୪/୭ ଫୁଟ୍ ରହିଥିଲା । ଇ ସମିଆଥି

୧୦ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ୧ ଲାଖ୍ ୫୯ ହଜାର୍ ୫ ଶହ ୮୧ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୧ ଲାଖ୍ ୪୭ ହଜାର୍ ୫ ଶହ ୬୪ ଘନଫୁଟ୍ ପାଏନ୍ ଜଲ୍‌ଭଣ୍ଡାର୍‌କେ ଆସୁଛେ ।